# ସମନ୍ୱିତ ଶିଶୁବିକାଶ ସେବା ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ,
# କୁକୁଡାଖଣ୍ଡି ବ୍ଲକ(ଗଞ୍ଜାମ)

---

ପତ୍ର ସଂଖ୍ୟା- 1755 ତା- 01-11-2025

***୨ଗୋଟି ଅଙ୍ଗନୱାଡି କେନ୍ଦ୍ରର ସାହାର୍ଯ୍ୟକାରିଣୀ ପଦବୀ ମନୋନୟନ ନିମନ୍ତେ ବିଜ୍ଞାପନ***

ଏତଦ୍ୱାରା ନିମ୍ନଲିଖିତ ଖାଲିପଡିଥିବା ଅଙ୍ଗନୱାଡି କେନ୍ଦ୍ରର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛିଯେ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, କୁକୁଡାଖଣ୍ଡି ଅଧିନରେ ଖାଲିପଡିଥିବା ୦୨ (ଦୁଇ) ଗୋଟି (ହୁଗୁଳାପଟା-୨ ଓ ବାଣିଆମାରୀ) ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି ସହାୟିକା ପଦବୀ ନିମନ୍ତେ ଅନଲାଇନ (**ONLINE**) ମାଧ୍ୟମରେ ପତ୍ର ଦରଖାସ୍ତ ଆହ୍ୱାନ ନିମନ୍ତେ ଉକ୍ତ କାର୍ଯ୍ୟାଳୟ ତରଫରୁ ବିଜ୍ଞପ୍ତି ଜାରି କରାଗଲା । ଆଗ୍ରହୀ ପ୍ରାର୍ଥିନୀ ମାନେ ପ୍ରଦତ୍ତ **http://engagement-awc.odisha.gov.in/landing website** ର **Public User / Public login** ମାଧ୍ୟମରେ ଆବେଦନ କରିପାରିବେ । ଏତଦ୍ ବ୍ୟତିତ offline ଆବେଦନ ଗ୍ରହଣ କରାଯିବ ନାହିଁ ।

ଓଡିଶା ସରକାରଙ୍କ ମହିଳା ଓ ଶିଶୁବିକାଶ ବିଭାଗ ଭୁବନେଶ୍ୱର ଚିଠି ସଂଖ୍ୟା–୪୯୭୨ ତା-୧୫-୦୩-୨୦୨୩ରିଖ ଅନୁସାରେ ଅଙ୍ଗନୱାଡି ସହାୟିକା ଚୟନ କରାଯିବ ।ନିମ୍ନଲିଖିତ ଯୋଗ୍ୟତା ସଂପୂର୍ଣ୍ଣ ପାର୍ଥୀନିମାନେ ଖାଲିଥିବା ଅଙ୍ଗନୱାଡି ସହାୟିକା ପଦବୀ ସକାଶେ ଆବେଦନ କରିପାରିବେ ।

*ଯୋଗ୍ୟତା:-*

୧· ଆବେଦନକାରିଣୀ ସେବା କାର୍ଯ୍ୟରେ ଆଗ୍ରହୀ ସ୍ୱେଚ୍ଛାସେବୀ ମହିଳା ହୋଇଥିବେ ।

୨· ଆବେଦନକାରିଣୀ ଜଣେ ମହିଳା ହୋଇଥିବେ ।

୩· ଆବେଦନକାରୀ କୌଣସି ନିର୍ବାଚିତ ପ୍ରତିନିଧି ହୋଇନଥିବେ ।

୪· ତା-୦୧-୦୧-୨୦୨୫ରିଖ ସୁଦ୍ଧା ତାଙ୍କର ବୟସ ୧୮ବର୍ଷ ପୂର୍ଣ୍ଣ ହୋଇଥିବ ଏବଂ ୩୫ବର୍ଷରୁ ଅଧିକ ହୋଇନଥିବ ।ବୟସ ପ୍ରମାଣ ସ୍ୱରୂପ ୧୦ମ ବୋର୍ଡ ପାସ ସାର୍ଟିଫିକେଟ ଅପଲୋଡ କରିବେ ।

୫· ଆବେଦନକାରିଣୀ ବିଜ୍ଞାପନ ଦିଆଯାଇଥିବା ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳ ସ୍ଥିତ ସାହିର ବାସିନ୍ଦା ହୋଇଥିବେ । ପ୍ରାର୍ଥୀନୀ ସ୍ଥାନୀୟ, ତହସିଲଦାରଙ୍କ ଠାରୁ ପ୍ରାପ୍ତ ବୈଧ (ଅନ୍ୟୁନ ୧ ବର୍ଷ) ବାସିନ୍ଦା ପ୍ରମାଣ ପତ୍ରର ନକଲ online ରେ Upload କରିବେ ।

ଯଦି କେନ୍ଦ୍ରାଞ୍ଚଳ ପରିସରରେ କୌଣସି ଉପଯୁକ୍ତ ପ୍ରାର୍ଥିନୀ ଉପଲବ୍ଧ ନହୁଅନ୍ତି, ତେବେ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଉକ୍ତ ଗ୍ରାମର ଆବେଦନକାରିଣୀଙ୍କୁ ବିଚାରକୁ ନିଆଯିବ ।

୬· ଅଙ୍ଗନୱାଡି ସହାୟିକା ପଦବୀ ସକାଶେ ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ **(minimum)+2** ପାସ (ଦ୍ୱାଦଶ ଶ୍ରେଣୀ) ପରିକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ଆବେଦନକାରୀ ଦରଖାସ୍ତ ଫର୍ମରେ ଆବଶ୍ୟକୀୟ, ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ଅବିକଳ ନକଲ ସହିତ ମାର୍କଲିଷ୍ଟର ଅବିକଳ ନକଲ online ରେ upload କରିଥିବା ଜରୁରୀ ଅଟେ ।

ଉଚ୍ଚ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ତତ୍ ସମ୍ପର୍କୀୟ ପ୍ରମାଣ ପତ୍ର ଅପଲୋଡ କରିବା ଆବଶ୍ୟକ ।

(ଅ.ପୃ.ଦେ)

ଆବେଦନକାରୀ ଙ୍କ ଓଡିଆ ଜ୍ଞାନ ଥିବା ନିଶ୍ଚିତ ଜରୁରୀ ଅଟେ । ଯଦି ଆବେଦନକାରୀ ମାଧ୍ୟମିକ ଶିକ୍ଷା ବୋର୍ଡ଼, ଓଡିଶାଙ୍କ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇନଥିବେ ତଥା ଅନ୍ୟ ଶିକ୍ଷା ବୋର୍ଡ ଦ୍ୱାରା ଉତ୍ତୀର୍ଣ୍ଣ ହୋଇଥିବେ ତେବେ ସେମାନଙ୍କ କ୍ଷେତ୍ରରେ ଓଡିଆରେ ସର୍ବନିମ୍ନ ୭ମଶ୍ରେଣୀ ପାସ ହୋଇଥିବା ଆବଶ୍ୟକ ଏବଂ ସେଥିପାଇଁସେ ଦରଖାସ୍ତରେ ଉପଯୁକ୍ତ ପ୍ରମାଣପତ୍ର ଓଡିଆ ରାଜ୍ୟ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ ପ୍ରାପ୍ତ ହୋଇ ଦାଖଲ କରିବା ଆବଶ୍ୟକ ଅଟେ ।

୮· ଆବେଦନକାରିଣୀ ଯଦି ହରିଜନ/ଆଦିବାସୀ ମହିଳା/ବିଧବା/ଛାଡପତ୍ର ପ୍ରାପ୍ତ/ପରିତ୍ୟକ୍ତା. ଅନାଥ/ ସ୍ୱାମୀଙ୍କ ଠାରୁ ଅଲଗା ହୋଇଥାନ୍ତି ଏବଂ ତତ୍ ସଂକ୍ରାନ୍ତିୟ ପ୍ରମାଣପତ୍ର ତାଙ୍କ ପାଖରେ ଥାଏ ତେବେ ସେତାହାର ଅବିକଳ ନକଲ ସହିତ ଦାଖଲ କରିପାରିବେ ।

୯· ଆବେଦନକାରିଣୀ ଯେଉଁ ଅଙ୍ଗନୱାଡି କେନ୍ଦ୍ର ପାଇଁ ଆବେଦନ କରିଛନ୍ତି ସେହି ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଗ୍ରହଣୀୟ ହୋଇଥିବା ଆବଶ୍ୟକ ।

୧୦· ଏଥିପାଇଁ ସରକାରଙ୍କ ନିର୍ଦ୍ଦେଶାବଳୀ ପ୍ରକାରେ ORV Act (SC & ST) 1975 Employment Compulsory Notification Vacancies Act 1950) ଲାଗୁହେବ ନାହିଁ । ମୁଖ୍ୟତ ଏସ୍·ସି·ଏସ୍·ଟି ଏବଂ ଓବିସି ଜନସଂଖ୍ୟା ଦ୍ୱାରା ଅଧିକୃତ ଗ୍ରାମ ଗୁଡିକରେ ଚୟନ କରାଯାଇଥିବା ହେଲପର ଏହି ସମ୍ପ୍ରଦାୟର ଯେକୌଣସି ସମ୍ପ୍ରଦାୟ ହୋଇପାରନ୍ତି , ଯେଉଁମାନେ ସଂଖ୍ୟା ଗରିଷ୍ଠ ଅଟନ୍ତି ।

୧୧· ଅଙ୍ଗନୱାଡି ସହାୟିକା ପିଲା ମାନଙ୍କୁ ରୋଷେଇ କରି ଖାଇବାକୁ ଦେବ ଏବଂ ଅଙ୍ଗନୱାଡି କେନ୍ଦ୍ରର ଦୈନନ୍ଦିନ କାର୍ଯ୍ୟ କରିବାରେ ଅଙ୍ଗନୱାଡି କର୍ମୀଙ୍କୁ ସାହାର୍ଯ୍ୟ କରିବାକୁ ଇଚ୍ଛୁକ ହେବା ଆବଶ୍ୟକ ।

୧୨·ଆବେଦନକାରୀ ଭବିଷ୍ୟତରେ ନିୟମିତ ନିୟୋଜନ ନିମନ୍ତେ କୌଣସି ପ୍ରକାର ଦାବୀ କରିପାରିବେ ନାହିଁ ।

୧୩· ଅଙ୍ଗନୱାଡି ସହାୟିକା ଭାବେ ମୋନନୀତ ହୋଇ କାମରେ ନିୟୋଜିତ ପାର୍ଥୀ ସାଧାରଣତଃ ୬୦ବର୍ଷ ବୟସ ଯାଏଁ କାମ କରିବେ । ୬୦ ବର୍ଷ ପରେ ପୁନଃ ନିୟୋଜିତ ହେବାକୁ ଚାହୁଁଥିବା ସହାୟିକା ମାନେ ବିଭାଗ ଆଦେଶ ନଂ·୩୬୫୭ ତା·୦୨·୦୩·୨୦୧୯ରିଖ ଅନୁଯାୟୀ ଦୁଇ ବର୍ଷ ବୃଦ୍ଧି ପାଇଁ ଆବେଦନ କରିପାରିବେ ।

୧୪· ଦରଖାସ୍ତକାରୀ ମାନେ ବିଜ୍ଞପ୍ତି ଜାରି ହେବାର ୧୫ଦିନ ମଧ୍ୟରେ ତା·୦୨·୧୧·୨୦୨୫ ଠାରୁ ୧୬·୧୧·୨୦୨୫ରିଖ ପର୍ଯ୍ୟନ୍ତ **online** ମାଧ୍ୟମରେ ଆବେଦନ କରିପାରିବେ । ଅଫଲାଇନ **(offline)** ରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

୧୫· ଦରଖାସ୍ତ ଗ୍ରହଣର ଶେଷ ହେବା ପରେ ଅର୍ଥାତ ତା·୧୭·୧୧·୨୦୨୫ରିଖ ପୂର୍ବାହ୍ନ ୧୦·୦୦ଘଣ୍ଟିକା ଠାରୁ ଅପରାହ୍ନ ୫·୦୦ଘଣ୍ଟିକା ପର୍ଯ୍ୟନ୍ତ ଆବେଦନକାରୀ ଅନଲାଇନ ମାଧ୍ୟମରେ **upload** କରିଥିବା ସାର୍ଟିଫିକେଟର ଅବିକଳ ନକଲ ଓ ମୂଳ(**original**) ପ୍ରମାଣପତ୍ର ସହ ନିମ୍ନ ସାକ୍ଷର କାରୀ ଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ । ଯାହାଦ୍ୱାରା ଚୟନ କମିଟି ଦ୍ୱାରା ମୂଳ ସାର୍ଟିଫିକେଟ ଯାଞ୍ଚ(**Certificate Verification**) କରାଯାଇ ଏକ ତାଲିକା ପ୍ରସ୍ତୁତ କରାଯିବ ।

୧୬· ଉକ୍ତ ତାଲିକାରେ ସ୍ଥାୟି ବାସିନ୍ଦା / ଶିକ୍ଷାଗତ ଯୋଗ୍ୟତା / ଜାତି ପ୍ରମାଣପତ୍ର ରେ ଯଦି କିଛି ତ୍ରୁଟି ଥାଏ ତାହେଲେ ଯେ କୌଣସି ବ୍ୟକ୍ତି ବା ପ୍ରାର୍ଥିନୀ ଅନଲାଇନ ମାଧ୍ୟମରେ ନିର୍ଦ୍ଧିଷ୍ଟ ସମୟସୀମା ୭ଦିନ ମଧ୍ୟରେ (୧୭·୧୧·୨୦୨୫ ଠାରୁ ୨୩·୧୧·୨୦୨୫)ମଧ୍ୟରେ ଅଭିଯୋଗ ଅନଲାଇନ (online) ମାଧ୍ୟମରେ ଦିଁ କରିପାରିବେ ।

(ଅ.ପୃ.ଦେ)

୧୭· ଅଙ୍ଗନୱାଡି ସାହାର୍ଯ୍ୟକାରିଣୀ ପଦବୀ ସଂପୂର୍ଣ୍ଣ ଭାବରେ ଅସ୍ଥାୟୀ । ତେଣୁ ଭବିଷ୍ୟତରେ ଯଦି କୌଣସି ପ୍ରାର୍ଥିନୀଙ୍କର କାର୍ଯ୍ୟ ସନ୍ତୋଷଜନକ ନହୁଏ, ତେବେ ତାଙ୍କୁ ଯେକୌଣସି ସମୟରେ ବିନା ନୋଟିସରେ କାର୍ଯ୍ୟରୁ ବହିଷ୍କାର କରାଯାଇପାରିବ ।

୧୮· ଚୟନ ପକ୍ରିୟା ସମ୍ପୁର୍ଣ୍ଣ ଭାବେ ଓଡିଶା ସରକାରଙ୍କ ଚୟନ ପକ୍ରିୟାର ମାର୍ଗ ଦର୍ଶିକା ଅନୁଯାଇ କରାଯିବ ।

୧୯· ପ୍ରାର୍ଥିନୀ ମାନେ ଅନଲାଇନ ଫର୍ମ ନିର୍ଭୁଲ ରୁପେ ପୁରଣ କରିବେ ଓ ସମସ୍ତ ପ୍ରମାଣପତ୍ର କୁ ଅନଲାଇନରେ ଅପଲୋଡ କରିବେ । ପ୍ରମାଣପତ୍ର ଯାଞ୍ଚ ସମୟରେ କୌଣସି ତୃଟି ପରିଲିକ୍ଷିତ ହେଲେ କିମ୍ବା କୌଣସି ପ୍ରମାଣପତ୍ର ଅପଲୋଡ ହୋଇନଥିଲେ ଉକ୍ତ ଆବେଦନକୁ ଖାରଜ କରିଦିଆଯିବ ।

୨୦·ପ୍ରମାଣପତ୍ର ଯାଞ୍ଚ ସମୟରେ କୌଣସି ମାର୍କକୁ ଯୋଗ କରାଯିବ ନାହିଁ । ଅନଲାଇନରେ ଆବେଦନ କରିଥିବା ମାର୍କକୁ ହିଁ ବିଚାରକୁ ନିଆଯିବ ।ତେଣୁ ଆବେଦନ ତୃଟିବିହିନ ହେବା ଆବଶ୍ୟକ ।

କିନ୍ତୁ ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଉକ୍ତ ବିଜ୍ଞାପନକୁ ସ୍ଥଗିତ କିମ୍ବା ରଦ୍ଦ କରିଦେଇପାରିବେ ।

01/11/2025

ଶିଶୁବିକାଶ ଯୋଜନା ଅଧିକାରୀ
C.D.P.O
ICDS Project, Kukudakhandi
କୁକୁଡାଖଣ୍ଡି ବ୍ଲକ, (ଗଞ୍ଜାମ)

ପରିପତ୍ର ସଂଖ୍ୟା- 1756 ତା- 01-11-2025

ଏହାର ଏକିକତା ନକଲ ସମ୍ପୃକ୍ତଗ୍ରାମର କୋଠଘର/ଅଙ୍ଗନୱାଡି କେନ୍ଦ୍ର/ମୁଖ୍ୟ ସ୍ଥାନ ସର୍ବସାଧାରଣ ତଥା ମହିଳା ମାନଙ୍କ ଅବଗତି ନିମନ୍ତେ ବିଜ୍ଞପ୍ତି ଜାରି କରାଗଲା ।ଏହାର ଏକକିତା ନକଲ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶିକା ଓ ଅଙ୍ଗନୱାଡି କର୍ମୀଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା ।

01/11/2025

ଶିଶୁବିକାଶ ଯୋଜନା ଅଧିକାରୀ
C.D.P.O
ICDS Project, Kukudakhandi
କୁକୁଡାଖଣ୍ଡି ବ୍ଲକ, (ଗଞ୍ଜାମ)

ପରିପତ୍ର ସଂଖ୍ୟା- 1757 ତା- 01-11-2025

ଏହାର ଏକିକତା ନକଲ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,ଗଞ୍ଜାମ,ଛତ୍ରପୁର/ଉପ-ଜିଲ୍ଲାପାଳ, ବ୍ରହ୍ମପୁର/ଗୋଷ୍ଠି ଉନ୍ନୟନ ଅଧିକାରୀ,କୁକୁଡାଖଣ୍ଡି/ସ୍ୱାସ୍ଥ୍ୟ ଅଧିକାରୀ,ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର,କୁକୁଡାଖଣ୍ଡି /ଗୋଷ୍ଠି ଶିକ୍ଷା ଅଧିକାରୀ,କୁକୁଡାଖଣ୍ଡିଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

01/11/2025

ଶିଶୁବିକାଶ ଯୋଜନା ଅଧିକାରୀ
C.D.P.O
ICDS Project, Kukudakhandi
କୁକୁଡାଖଣ୍ଡି ବ୍ଲକ, (ଗଞ୍ଜାମ)

ପରିପତ୍ର ସଂଖ୍ୟା- 1758 ତା- 01-11-2025

ଏହାର ଏକିକତା ନକଲ ଅଧ୍ୟକ୍ଷ/ଉପଧ୍ୟକ୍ଷ,ପଞ୍ଚାୟତ ସମିତି,କୁକୁଡାଖଣ୍ଡିଙ୍କ ଅବଗତି ନିମନ୍ତେ ଅନୁରୋଧ କରାଗଲା ।

01/11/2025

ଶିଶୁବିକାଶ ଯୋଜନା ଅଧିକାରୀ
C.D.P.O
ICDS Project, Kukudakhandi
କୁକୁଡାଖଣ୍ଡି ବ୍ଲକ, (ଗଞ୍ଜାମ)

(ଅ.ପୃ.ଦ୍ର)

ପତ୍ର ସଂଖ୍ୟା- 1759          ତା- 01-11-2025

ଏହାର ଏକିକତା ନକଲ ସମ୍ପୃକ୍ତ ସରପଞ୍ଚ / ସମିତି ସଭ୍ୟ / ଜିଲ୍ଲା ପରିଷଦ ସଭ୍ୟ / ସଭ୍ୟା ……………… ଗ୍ରାମ ପଞ୍ଚାୟତଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା ଯେ ଗ୍ରାମ ପଞ୍ଚାୟତର ବିଜ୍ଞାପନ ଫଳକରେ ପ୍ରକାଶ କରିବା ସଙ୍ଗେ ସଙ୍ଗେ ନିଜ ପଞ୍ଚାୟତରେ ଥିବା କେନ୍ଦ୍ରାଞ୍ଚଳର ଜନସାଧାରଣଙ୍କ ଅବଗତି ନିମନ୍ତେ ବହୁଳ ପ୍ରଚାର ଓ ପ୍ରସାର ପାଇଁ ବିହିତ ପଦକ୍ଷେପ ନେବେ ।

01/11/2025

ଶିଶୁବିକାଶ ଯୋଜନା ଅଧିକାରୀ

କୁକୁଡ଼ାଖଣ୍ଡି, (ଗଞ୍ଜାମ)

C.D.P.O Kukudakhandi

ପରିପତ୍ର ସଂଖ୍ୟା- 1760          ତା- 01-11-2025

ଏହାର ଏକିକତା ନକଲ ମାନ୍ୟବର ଲୋକସଭା ସଦସ୍ୟ,ବ୍ରହ୍ମପୁର/ମାନ୍ୟବର ବିଧାୟକ ଦିଗପହଣ୍ଡି/ଗୋପାଳପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

01/11/2025

ଶିଶୁବିକାଶ ଯୋଜନା ଅଧିକାରୀ

C.D.P.O

କୁକୁଡ଼ାଖଣ୍ଡି, (ଗଞ୍ଜାମ)

Kukudakhandi

ପରିପତ୍ର ସଂଖ୍ୟା- 1761          ତା- 01-11-2025

ଏହାର ଏକିକତା ନକଲ ପଞ୍ଚାୟତସମିତି ବିଜ୍ଞାପନ ଫଳକ/ଉକ୍ତ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ବହୁଳ ପ୍ରସାର ନିମନ୍ତେ ଲଟକାଗଲା ।

01/11/2025

ଶିଶୁବିକାଶ ଯୋଜନା ଅଧିକାରୀ

C.D.P.O

କୁକୁଡ଼ାଖଣ୍ଡି, (ଗଞ୍ଜାମ)

Kukudakhandi

## ଖାଲି ଥିବା ଅଙ୍ଗନୱାଡି କେନ୍ଦ୍ରର କେନ୍ଦ୍ରାଞ୍ଚଳ ବିବରଣୀ

| କ୍ର ନଂ | ଗ୍ରାମପଞ୍ଚାୟତର ନାମ | ଖାଲିଥିବା ଅଙ୍ଗନୱାଡି କେନ୍ଦ୍ରର ନାମ | କେନ୍ଦ୍ରାଞ୍ଚଳ ବିବରଣୀ | | |
|---|---|---|---|---|---|
| | | | ସାହିର ନାମ | ପ୍ରଥମ ଘର ମୁଖ୍ୟଙ୍କ ନାମ | ଶେଷଘର ମୁଖ୍ୟଙ୍କ ନାମ |
| ୧ | କଙ୍କିଆ | ବାଣିଆମାରି | ତଳ ସାହି (ବାମ ପାର୍ଶ୍ୱ) | ପ୍ରମିଳା ମଲ୍ଲିକ | ପ୍ରକାଶ ମଲ୍ଲିକ |
| | | | ମଝି ସାହି (ଡାହାଣ ପାର୍ଶ୍ୱ) | ସନ୍ତୋଷ ମଲ୍ଲିକ | ସମ୍ଭୁ ମଲ୍ଲିକ |
| | | | ଉପର ସାହି(ଡାହାଣ ପାର୍ଶ୍ୱ) | ନୀର ମଲ୍ଲିକ | ବିଜୟ ମଲ୍ଲିକ |
| | | | ବେତଝରୀ (ବାମ ପାର୍ଶ୍ୱ) | ବାଙ୍କ ମଲ୍ଲିକ | ହରି ମଲ୍ଲିକ |
| | | | ବେତଝରୀ (ଡାହାଣ ପାର୍ଶ୍ୱ) | ରାଜେନ୍ଦ୍ର ମଲ୍ଲିକ | ପାଣ ମଲ୍ଲିକ |
| ୨ | ହୁଗୁଳାପଟା | ହୁଗୁଳାପଟା-୨ | ବିଶୋୟୀ ସାହି (ବାମପାର୍ଶ୍ୱ) | ସୁଜି ସ୍ୱାଇଁ | ସନ୍ତୋଷ ବିଶୋୟୀ |

| | | | | | |
|---|---|---|---|---|---|
| | ଲାପଡା | ହୁଲୁକାପଡା-୨ | ବିଶୋୟୀ ସାହି (ବାମପାର୍ଶ୍ୱ) | ଝୁକି ସ୍ୱାଇଁ | ସନ୍ତୋଷ ବିଶୋୟୀ |
| | | | ବିଶୋୟୀ ସାହି (ଡାହାଣ ପାର୍ଶ୍ୱ) | ଉଦୟନାଥ ସ୍ୱାଇଁ | ରାମ ସ୍ୱାଇଁ |
| | | | ବାରିତଳ ସାହି (ବାମପାର୍ଶ୍ୱ) | ମଙ୍ଗୁଲୁ ବିଶୋୟୀ | ଟୁନା ସ୍ୱାଇଁ |
| | | | ବାରିତଳ ସାହି (ଡାହାଣ ପାର୍ଶ୍ୱ) | କାଳୁଚରଣ ସ୍ୱାଇଁ | କୁମାରୀ ସ୍ୱାଇଁ |
| | | | ଲକ୍ଷ୍ମୀନୃସିଂହ ସାହି (ବାମପାର୍ଶ୍ୱ) | ବଳିଆ ସ୍ୱାଇଁ | ଭଗବାନ ସ୍ୱାଇଁ |
| | | | ଲକ୍ଷ୍ମୀନୃସିଂହ ସାହି (ଡାହାଣ ପାର୍ଶ୍ୱ) | ରାମଚନ୍ଦ୍ର ସ୍ୱାଇଁ | ରାମଚନ୍ଦ୍ର ବେହେରା |
| | | | ଗଉଡ ସାହି (ବାମପାର୍ଶ୍ୱ) | ପଞ୍ଚୁ ସାହୁ | ଶରତ ସାହୁ |
| | | | ଗଉଡ ସାହି (ଡାହାଣ ପାର୍ଶ୍ୱ) | ପୃଥୀବି ସ୍ୱାଇଁ | ରୋହିତ ସ୍ୱାଇଁ |
| | | | ହରିଜନ ସାହି | ଦେବେନ୍ଦ୍ର ନାଇକ | କଟିଆ ନାଇକ |

01/11/2025

ଶିଶୁବିକାଶ ଯୋଜନା ଅଧିକାରୀ
C.D.P.O.
ICDS Project, Kukudakhandi
କୁକୁଡାଖଣ୍ଡି, (ଗଞ୍ଜାମ)